ବାଲି ତୃତୀୟା

ବା

ତୀଜ ବ୍ରତ କଥା

ଓ

ପୁଷ ରବିବାର ବ୍ରତ



ପ୍ରକାଶକ—

ଶ୍ରୀ ବାଞ୍ଛାନିଧି ସାହୁ ଓ ହାତୀ ସାହୁ

ଭୁବନାନନ୍ଦ ପୁସ୍ତକାଳୟ

କୁଦଆର ବଜାର ପୋ:—ଲୁଈଣି

ମୂଲ୍ୟ ତିନିଅଣା ବା ନୟା ଉଣଶି ପଇସା ମାତ୍ର

ବାଲି ତୃତୀୟା ବା ଟୀକା ବ୍ରତ

—ঃ✵✵ঃ—

ଗଳାଶସୂତ୍ର-ଅର୍ଦ୍ଧ ବାଲୁକା ଆଣି ତହିଁରେ ଶକ୍ର ସହିତ ଶିବଲିଙ୍ଗ ପ୍ରସ୍ତୁତ କରି ସଂକଳ୍ପ କରିବ । ଯଥା—ଦେଶକାଳ ବାକ୍ୟାନନ୍ତରଂ ମମ ଇହ ଜନ୍ମାନି ବାଞ୍ଛିତାର୍ଥ ଫଳ ପ୍ରାପ୍ତି ପୂର୍ବକ୍ର ଶିବଲୋକ ପ୍ରାପ୍ତ୍ୟର୍ଥଂ ଉମା ମହେଶ୍ୱର ପୂଜାକର୍ମ ପୂର୍ବକ ଟୀକ ବ୍ରତ କଥା ଶ୍ରବଣ ମହଂ କରିଷ୍ୟେ । ତତଃ ଅଗ୍ନ୍ୟର୍ଣଂବରଣଂ ପୂଜାମନ୍ତ୍ରୋ ଯଥା—ଶିବାଟେର୍ପି ସର୍ବମାଙ୍ଗଲ୍ୟେ ଶିବାୟୁ ସଂଗତଂ ନମଃ । ଶିବେ ସର୍ବ ପ୍ରଦାନୀ ତ୍ୱଂ ଶିବରୂପେ ନମୋ ନମଃ ॥ ଇତି ମନ୍ତ୍ରେଣ ବ୍ରତୋପଗ୍ରୁରୈଃ ପୂଜୟେତ୍ । ପାପୋ୍ଽହଂ ପାପ-କର୍ମାହଂ । ଇତି । ନମସ୍କାରଃ ।

ଉମା ମହେଶ୍ୱରାଭ୍ୟାଂ ନମଃ

ମନ୍ଦାରମାଳା କଳିତାଳକାୟୈ, କପାଳ ମାଳାଙ୍କିତ ଶେଖରାୟ । ଦିଗମ୍ବରାୟୈ ଚ ଦିଗମ୍ବରାୟ, ନମଃ ଶିବାୟୈ ଚ ନମଃ ଶିବାୟଃ ॥ ଏହା ବୋଲି ପୁଷ୍ପାଞ୍ଜଳି ଦେବ ।

କଥା

ମନ୍ଦାର ମାଳା ଶୋଭିତ କେଶପାଶ ଯାର । କପାଳମାଳା ଶୋଭିତ ଜଟିଳ ଶେଖର ॥ ଦିଗାମ୍ବରେ ଶୋଭିତ ଦିଗାମ୍ବରେ ସର୍ବେଶ୍ୱର । ନତଶିରେ ପ୍ରଣମଇ ଉମା ମହେଶ୍ୱର ॥ କୈଳାଶର ସମସ୍ତ୍ୟଙ୍କେ ହରକେ ଗଉରୀ । ପଚାରନ୍ତି ଗୁପ୍ତପୁଣ୍ୟ କହ ନିପୁରାରି ହେ ନାଥ ପ୍ରସନ୍ନ ଯେବେ ସତ୍ୟ ମୋତେ କହ । ଶୁଣି ଦୂର ହେଉ ମୋର ମନରୁ ସନ୍ଦେହ ॥ ପୂର୍ବ ଜନ୍ମେ ଦାନ କିବା ତପ କରିଥିଲି । ଭର୍ତ୍ତାରୂପେ ଆପଣଙ୍କୁ ଏଜନ୍ମେ ପାଇଲି ॥ ଈଶ୍ୱର କହନ୍ତି ପ୍ରୀତେ ଶୁଣ ଦେଉଗଙ୍କୁ । କହୁଛି ଉତ୍ତମବ୍ରତ ମୋର ଗୁପ୍ତ ଧନ୍ୟା

ନକ୍ଷତ୍ର ଗଣରେ ଚନ୍ଦ୍ର ଉତ୍କୃଷ୍ଟ ଯେସନ । ଗ୍ରହଗଣେ ରବି ବର୍ଣ୍ଣ ମାନଙ୍କ ବ୍ରାହ୍ମଣ ॥ ଦେବତାମାନଙ୍କ ମଧ୍ୟେ ବିଷ୍ଣୁ ଯଥା ହେଲା । ନଦୀରେ ଗଙ୍ଗା ପୁରାଣେ ଭାରତ ସହିତ ॥ ଋଗବେଦେ ମାସ ଯଥା ଇନ୍ଦ୍ର ସୁରେ ମନ । ଉତ୍କୃଷ୍ଟ ବୋଲି ଶାସ୍ତ୍ରରେ ଅଛି ନିରୂପଣ ॥ ପୁରାତନ ଧର୍ମ ସାର ଆଗମ କଥିତ । ସର୍ବ ଶ୍ରେଷ୍ଠ ବୋଲି ଖ୍ୟାତ କଥା ଏହି ବ୍ରତ ॥ ସେହି ଶୁଭ ବ୍ରତ ପ୍ରିୟେ ଏକ ମନେ ଶୁଣ । ଯାହାର ପ୍ରଭାବେ ଟଳିଗଲା ମୋ ଆସନ ॥ ପୂର୍ବକାଳେ ହିମାଳୟେ ଦେଖିଅଛ ଯାହା । ବିସ୍ତାରି କହିବି ତୁମ୍ଭ ଆଗେ ଏବେ ତାହା ॥ ଭାଦ୍ରବ ମାସର ଶୁକ୍ଳ ପକ୍ଷ ତୃତୀୟାରେ । କରିବ ଏ ବ୍ରତ ଶୁକ୍ଳ ହସ୍ତା ନକ୍ଷତ୍ରେ ॥ ଅନୁଷ୍ଠାନ ମାନେ ବ୍ରତୀ ସର୍ବ ପାଚୁ ପୁଣି । କରିଥିଲ ଅଭୁତରେ ବାଳେ ଏହି ବ୍ରତ ॥ ସେ ସବୁ ତୁମ୍ଭ ଆଗରେ କହିବି ଗୋ ପ୍ରିୟେ । ନିଜେ ଯାହା ଦେଖି ଅଛ ପୂର୍ବେ ହିମାଳୟେ ॥ ଶୁଣି ପାର୍ବତୀ ବୋଲନ୍ତି ଆହେ ପ୍ରାଣନାଥ । କିପରି ମୁଁ କରିଲି ପୂର୍ବେ ଏହି ବ୍ରତ ॥ ଶୁଣିବାକୁ ଇଚ୍ଛା ମୋର ହୁଏ ପ୍ରାଣେଶ୍ବର । ବୁଝାଇ କହିବେ ତୁମ୍ଭେ ସନ୍ଦେହ ମନର ॥ ଈଶ୍ବର କହନ୍ତି ଦେବୀ ଶୁଣ ଦେଇ ମନ । ଥିଲା ପର୍ବତ ଉତ୍ତମ ନାମ ହିମବାନ ॥ ସିଂହ ବ୍ୟାଘ୍ର ଗଜଯୂଥ ଯହିଁ ବିହରନ୍ତି । ଦ୍ରୁମଲତାରେ ମଣ୍ଡିତ ଯହିଁ ମୃଗପନ୍ତି । ନାନା ବର୍ଣ୍ଣେ ବହୁ ସୃଙ୍ଗ ବିଚିତ୍ର ସୁରଭ ॥ ମୟୂର ରବେ ବୁଲନ୍ତି ଯହିଁ ପକ୍ଷୀପନ୍ତି ॥ ଦେବତା ଗନ୍ଧର୍ବ ସିଦ୍ଧଚାରଣ ଗୁହାକେ । ମହାନନ୍ଦେ ବିହରନ୍ତି ଗନ୍ଧର୍ବ ଗାୟକେ ॥ ସ୍ଫଟିକ କାଞ୍ଚନ ବଇଡୁର୍ଯ୍ୟ ମଣିମୟ । ଶୃଙ୍ଗେ ଶୋଭିତ ଆକାଶ ବ୍ୟାପୀ ବୃକ୍ଷଚୟ ॥ ଯହିଁ ଦେଖ ହିମାଚଳ ତୁଷାରେ ପୂରିତ । ଗଙ୍ଗା ଜଳେ ପ୍ରବହେ ଯେ ହୋଇଛି କ୍ରୀଡ଼ିତ । ରତ ସଦା ସୁର ନାରୀ ନୃତ୍ୟ ସଙ୍ଗୀତରେ । ବାଳେ ଆରମ୍ଭିଲେ

ବ୍ରତ ସେହୁ ପର୍ବତରେ ॥ ·ଅଧୋମୁଖେ ବାର ବର୍ଷ ଗଲି ଧୂମ୍ର ପାନେ । ଚଉପଠୀ · ବର୍ଷ ·ପକ୍ୱ ପତ୍ରର ଆଶନେ ॥ କଠୋର ନିଯ୍ମତେ କଷ୍ଟ ଦେଖି ତବ ତାତ । ମନେ ମନେ ଚିନ୍ତା କରି ହୋଇଲେ ଦୁଃଖିତ ॥ କାହାକୁ ଏ କନ୍ୟା ଦେବ ଚିନ୍ତା କଲେ ବସି । ଆସି ଉପସ୍ଥିତ ହେଲେ ନାରଦ ମହର୍ଷି ॥ ଅର୍ଘ୍ୟାଦ ଦେଇଣତାକୁ ପୂଜି ହିମାଳୟ । ଭକ୍ତିଭରେ ପଗ୍ଚରଲେ· ପ୍ରକାଶି ବିନୟ । କାହିଁକି ଆସିଲ କହ ହେ ମୁନି ପୁଙ୍ଗବ ॥ ଭାଗ୍ୟବଶେ ବଢି ଅଛି ମଧୀନ ଗୌରବ ॥ ଭାଷିଲେ ନାରଦ ଶୁଣ ନାଗକୁଳ ସାଇଁ । ପଠାଇଲେ ବିଷ୍ଣୁ ମୋତେ ତବ କନ୍ୟା ପାଇଁ ॥ କନ୍ୟା ଦାନ କର ଯୋଗ୍ୟ ପାତ୍ର ବାସୁଦେବ । ତାଙ୍କ ପର ନାହିଁ ଏବ ବ୍ରହ୍ମା ଆଦ ଦେବ ॥ ଅନୁରୂପ ବରେ ହେଉ କନ୍ୟାରତ୍ନ ଦାନ । ମୋ ମତରେ ଏଥି ନାହିଁ ଚିନ୍ତାର କାରଣ॥ ହିମାଳୟ କହନ୍ତି ହେ ଦେବଋଷିବର ଯେବେ ପ୍ରାର୍ଥୀ ହେଲେ ବିଷ୍ଣୁ ସମ୍ମତ ଅନ୍ତର ॥ କନ୍ୟା ଦେବ ସତ୍ୟ ଭଲ ହୋଇନାହିବ ଯେ ଆନ । ଯହିଁରେ ମଧ୍ୟସ୍ଥ ହେଲେ ଆସିଛି ଅପଣ ॥ ଶୁଣି ହର୍ଷେ ମୁନି ବିଷ୍ଣୁ ନିକଟନେ ଗଲେ । ନତ ଶିରେ ଶଙ୍ଖ ଚକ୍ରଧର ପ୍ରଣମିଲେ ॥ କର ଯୋଡି ନିବେଦନ କଲେ ଋଷିବର । ବିବାହର ଆୟୋଜନ କର ଦାମୋଦର ॥ ଯୋଗୀନ୍ଦ୍ର ନାରଦ ଏହା କରି ନିବେଦନ । ପ୍ରଣମି ପ୍ରସ୍ଥାଣ କଲେ ସ୍ୱକୀୟ ଭବନ ॥ ବିସର୍ଜି ନାରଦ ଅବା ପିତା ହିମବାନ । ପ୍ରକାଶି କହିଲେ ଯାଇ ତୋର ସନ୍ନିଧାନ ॥ ସନ୍ନଦ୍ଧିକେ ତୁମ୍ଭଙ୍କୁ କରିବି ମୁଁ ଦାନ । ବଚନ ଅଙ୍ଗୀକାର କଲି ନୋହିବ ସେ ଆନ ॥ ମାତ ଜନକ ସହିତେ ହେଲେ ଏକ ମତ । ପାର୍ବତୀ ଦୁଃଖିତା ଶୁଣି ଏସନ ଭାରତୀ ॥ ଦୁଃଖଭରେ ସନ୍ତାପରେ ବସିବାର ଦେଖି । ଏକାନ୍ତରେ ବସି

ପଚ୍ଚରିଲେ ପ୍ରିୟସଖୀ ॥ କାହିଁକି ଗୋ ମନେ ଦୁଃଖ କହ ଗୋ ଆଗର । ଉପାୟେ ଭଲ କରିବି ସଂଶୟ ନ କର ॥ ପାର୍ବତୀ କହାଇଲେ ସଖୀ ଶୁଣ ମୋ ବଚନ । ଶିବଙ୍କୁ ଭକ୍ତି କରିବି ଥିଲା ମୋର ମନ ॥ ସତ ସଖୀ ଭାବିଥିଲି ମନେ ଏହିକଥା । ଜାଣିଲି କହିଲେ ପିତା କରିବେ ଅନ୍ୟଥା ॥ ପିତା ସତ୍ୟ ବାଣି ଶୁଣି-ନ ଦିଶେ ଉପାୟ । ତେଣୁ ଦେହ ଛାଡ଼ିବାକୁ କଲିଣି ନିଶ୍ଚୟ ॥ ଶୁଣି ପାର୍ବତୀଙ୍କ ବାଣୀ ସଖୀ କହେ ବୋଧି । ପିତାଙ୍କ ଅଜ୍ଞାତେ ମହାରଣ୍ୟ ଯିବା ବଧି ॥ ଶଙ୍କର କହନ୍ତି ସଖୀ ସେ ସଇ ତୋ ମତ । ନେଇ ଗଲା ଘୋରବନେ ତୁମ୍ଭଙ୍କୁ ସେ ସତ ॥ ଏ ସମୟେ ପିତା ତୋତେ ନ ଦେଖି ମନ୍ଦିରେ । ଖୋଜିଲେ ନଗରେ ଯାଇ ପଶି ଘରେ ଘରେ ॥ ନ ଦେଖି ଆତୁର ମନେ କରି ନାନା ଶଙ୍କା । ସୁର ଦାନବେ କାନରେ କେ ନେଲା କନ୍ୟକା ॥ ମୁନିଆଗେ ସତ୍ୟ କଲି ଦେବି ବାସୁଦେବେ । ମିଥ୍ୟାବାଦୀ ହେଲେ ଲୋକେ ମୋତେ କି ବୋଲିବେ ॥ ଚିନ୍ତାଭରେ ମୂର୍ଚ୍ଛା ହୋଇ ପଡ଼ିଲେ ଭୂତଳେ । ଦେଖି ହାହାକାରେ ଲୋକ ସେଠାରୁ ଆସିଲେ ॥ ଦୁଃଖଭରେ ଆଗେ ଥାଇ ପଚ୍ଚରିଲେ ଜନ । ଶୈଳେନ୍ଦ୍ର ମୋହ କାହିଁପାଇଁ କହ ହେଉଛନ୍ତି ॥ ସନ୍ତାପରେ ହେମ ଲମ୍ଭ କଲେକ ଉତ୍ତର । ନଜାଣିଲି କନ୍ୟାରତ୍ନ କେ ନେଲା ମୋହର ॥ ଦଂଶିଲା କି ସର୍ପ ସିଂହ ବ୍ୟାଘ୍ର କି ଖାଇଲା । ଗୁପତେ କନ୍ୟାକୁ କେହି ଦୁଷ୍ଟ ବା ମାଇଲା ॥ କନ୍ଦୁକନ୍ଦୁ ଶୋକଭରେ ପଡ଼ିଲେ ସେ ତଳା ॥ ବତାସେ ପବନ ପଥ ଉପୁଡ଼େ କଦଳୀ ॥ ନିର୍ଜନ ଭୟସଙ୍କୁଳ ବନେ ତୁମ୍ଭେ ଗଲ । ସିଂହ ବ୍ୟାଘ୍ର ଶୃଗାଳାଦି ଯହିଁ ପଲପଲ ॥ ଗଜ ମୃଗ ପକ୍ଷୀ ସମାକୁଳ ମହାବନେ । ସଖୀସଙ୍ଗେ ଯାଇ ନଦୀ ପଞ୍ଚକୂଳ ତୀରେ ॥ ନିରାହାରେ ରଚିଗିରେ ବସି ସେହି ସ୍ଥଳ । ବାଲିରେ ରଚି ପୂଜିଲ ଶଙ୍କର ପାର୍ବତୀ ॥ ଭାଦ୍ରବଶୁକ୍ଳ ତୃତୀୟା ହସ୍ତ

ନାଚନ୍ତରେ । ଗୀତ ବାଦ୍ୟ ଜାଗର କଲ ଭକ୍ତିଭରେ ॥
ସେହି ବ୍ରତ ପ୍ରଭାବେ ମୋ ଟଳିଲା ଆସନ । ସଖୀ ସଙ୍ଗେ ଥିଲ
ଯହିଁ ଗମିଲି ସେ ସ୍ଥାନ ॥ ପ୍ରସନ୍ନ ହେଲି ଗୋ ତୋତେ ମାଗ
ତୋଳି ବର । ଭାଷିଲି ଶୁଣି କହିଲ ତୁମ୍ଭେ ଯୋଡ଼ି କର ॥
ହେ ଦେବ ପ୍ରସନ୍ନ ଯେବେ ହେଲ ହେ ଈଶାନ । କୃପା କର
ମୋର ଭର୍ତ୍ତା ତଥାସ୍ତୁ ଆପଣ ॥ ତଥାସ୍ତୁ କହି ମୁଁ ଦେବୀ ଗଲି
କଇଲାସ । ଏସନ ସମୟେ ନିଶା ହୋଇଲା ପ୍ରକାଶ ॥ ନଦୀରେ
ବିସର୍ଜି ସବୁ ବନ ଜାତ ଫଳେ । ପାରଣା କରି ପାର୍ବତୀ
ଶୋଇଲେ ବହିଲେ ॥ ତତକ୍ଷଣେ ହିମାଳୟ ଦୁଃଖେ ନ କରି
ହେଳନ । ସ୍ତ୍ରୀର ସଙ୍ଗେ ଖୋଜି ବନେ କଲେ ଆଗମନ ॥
ନଦୀକୂଳେ ଦୁଇକନ୍ୟା ଶୋଇବା ଦେଖିଲେ । ଉଠାଇ କୋଳେ
ବସାଇ କାନ୍ଦି ପଚାରିଲେ ॥ କପାଇଁ ଗୋ ବତ୍ସେ ଏଥି କଲ
ଆଗମନ । ସିଂହ ବ୍ୟାଘ୍ର ଗଜେ ଭୟଙ୍କର ଯେଉଁ ବନ ॥ ପାର୍ବତୀ
କହନ୍ତି ତାତ ଶୁଣ ମୋର କଥା । ମୁଁ କରିଥିବା ପ୍ରତିଜ୍ଞା କିମ୍ପା
ମିଥ୍ୟା ॥ ଶିବଙ୍କୁ ବିଭା ହେବାକୁ ଥିଲା ମୋର ମନ । ସତ୍ୟକଲ
ବାସୁଦେବଙ୍କୁ ହେବ କନ୍ୟା ଦାନ ॥ ତେଣୁ ଜୀବନ ହାରିବ
ସତ୍ୟ କରିଥିଲି ମୁଁ । ପ୍ରିୟ ସଖୀ ପରାମର୍ଶେ ବନକୁ ଆସିଲି ॥
ହରିଙ୍କି ନଦେଇ ଶିବେ ଦେବା ସତ୍ୟକଲେ । ଆନନ୍ଦେ ଘରକୁ
ଯିବା ପାର୍ବତୀ ଭାଷିଲେ ॥ ତଥା କହି ପିତା ତୋତେ ଘରେ
ନେଇଗଲେ । କ୍ରମେ ମୋତେ ବିଭା ଦେଇ ସନ୍ତୋଷ ଲଭିଲେ ॥
ବ୍ରତବଳେ ଅର୍ଦ୍ଧାସନ ମୋ ହର ପାଇଲ । ଅଧିକ କାହିଁ କହିବି
ଏଥୁ ବଳଫଳ ॥ ସେହି ଦିନୁ ଶୁଣ ଦେବୀ ଆଳି ହରିବାରେ ।
ବ୍ରତ ଖ୍ୟାତ ହେଲା ହରିତାଳିକା ନାମରେ ॥ ପାର୍ବତୀ କହନ୍ତି
ପ୍ରଭୋ ରହିଲ ଯେ ନାମ । ପୁଣ୍ୟ ଫଳ କିବା । କହ ପୂଜା ବିଧି
କ୍ରମ ॥ କିଏ ଏହା କରିଥିଲା ପୂର୍ବକାଳେ ହର । ଶିବ କହନ୍ତି ବଧାନି

ଶୁଣ ସୁମାବର ॥ ଭୂତାଯୂା ଏମେ ନାରୀମାନେ କରନ୍ତି ଏ ବ୍ରତ । ମଣ୍ଡପ କଦଳୀ ସ୍ତମ୍ଭେ କରିଣ ମଣ୍ଡିତ ॥ ଗୁମ୍ଫ ତୋରଣେ ଶୋଭିତ ବିବିଧବର୍ଣ୍ଣେରେ । ପାଟବସ୍ତ୍ର ଆଚ୍ଛାଦିତ ମଣ୍ଡପଉପରେ ସୁଗନ୍ଧ ଚନ୍ଦନ ଲେପେ ମଣ୍ଡପ ଲେପାଇ ॥ ଶଙ୍ଖାଦି ମୃଦଙ୍ଗ ବାଦ୍ୟ ସଙ୍ଗୀତ ଗାଇ ॥ ମଙ୍ଗଳ ସଙ୍ଗୀତ କରି ମଧ୍ୟେମଣ୍ଡପରେ ସ୍ଥାପିଣ ଲିଙ୍ଗ ପୂଜିବ ପାର୍ବତୀ ଶଙ୍କରେ ॥ ଗନ୍ଧ ପୁଷ୍ପ ଧୂପ ଦୀପ ଭଲ ନୈବେଦ୍ୟ ଦେବ । ଶୁଦ୍ଧ ଚିତ୍ତେ ପୂଜାରେ ଏ ମନ୍ତ୍ର ଉଚ୍ଚାରିବ । ସର୍ବ ମଙ୍ଗଳ ସହିତେ ଶିବଙ୍କୁ ପ୍ରଣାମ । ଶିବେ ସର୍ବଦାତ୍ରୀ ଶିବରୂପେ ନମୋନମଃ ॥ ଭବ ସାଗରେ ପଡ଼ି ମୁଁ କରୁଛି ଦଇନୀ ପ୍ରସନ୍ନେ 'ସୌଭାଗ୍ୟ ଦିଅ' ହେ ସିଂହବାହିନୀ ॥ ଭୋ ଜେନ୍ଦ୍ରା ଏମନ୍ତେ ପୂଜନ୍ତି ଈଶ୍ୱର ପାର୍ବତୀ । ଭକ୍ତିରେ ଶୁଣିବ କଥା ହୋଇ ଏକ ମତି ॥ ପାଠକ ବ୍ରାହ୍ମଣେ ଦେବ ବହୁବିଧ ଦାନ । ଧନ ରତ୍ନ ଧେନୁ ସୁନା ଅବର ବସନ ॥ ସର୍ବ କାମପ୍ରଦ ବ୍ରତ କରେ ଯେଉଁ ନାରୀ । ନିଃସନ୍ଦେହେ ସାତ ଜନ୍ମ ପାଶୁଁ ହୁଏ ପାରି । ଭୂତାଯୂରେ ଯେଉଁ ନାରୀ ଅହାର କରଇ । ସାତଜନ୍ମ ଯାଏ ଦୁଃଖ ବୈଧବ୍ୟ ଲଭଇ ॥ ଦରିଦ୍ର ହତଭାଗିନୀ ଦୁଃଖିପୁତ୍ର ଶୋକ । ଉପବାସ ବିନେ ନାରୀ ପଡ଼ଇ ନରକେ ॥ ବହୁକୋଟି କଳ୍ପ ଘୋର କଷ୍ଟ ଲଭଇ ଭାମିନୀ । ନକରେ ସନ୍ଦେହ ଏଥି ସେ ମନ୍ଦଭାଗିନୀ ॥ ଧେନୁ ମୃତ୍ତିକା ଭାଜନ ସୁନାପାତ୍ରମାନ । ବିପ୍ରେ ଦେଇ ଅନନ୍ତର କରିବ ପାରଣ ॥ ଏମନ୍ତ ବିଧାନେ ଯେଉଁ ନାରୀ କରେ ବ୍ରତ । ଲଭିବ ଶ୍ରେଷ୍ଠେ ସେ ମୋର ସମାନରେ କାନ୍ତ ॥ ବିନାଶ କାଳେ ସେ ନାରୀ ମୋର ରୂପ ପାଇ । ସମାନ ରୂପେ ସାଯୁଜ୍ୟ ମୁକ୍ତି ଲଭଇ ॥ ତାଙ୍କ ବ୍ରତ କଥା ଭାଷା [illegible] ସମାପନ । ସଦାଶିବ ଶ୍ରୀଚରଣେ ହେଉ ସମର୍ପଣ ॥



ପୁଷ ରବିବାର ବ୍ରତ

—ଃ✱✱ଃ—

ଧର୍ମ ନିରଞ୍ଜନ ଦେବ ଚରଣେ ନମସ୍କ । ପୁଷ ରବିବାର କଥା କହୁ ଅଛଇ ।୧। ଶୁଣ ଜନେ ମରହଟା ଦେଶର ରାଜନ । ସୁବ୍ରତ ନାମରେ ଥିଲେ ଅତି ଗୁଣବାନ ॥ ସୁଶୀଳା ନାମରେ ଥିଲେ ତାଙ୍କ ମହାଦେଈ । ପତିବ୍ରତା ଧର୍ମଶୀଳା ତାଙ୍କପରି ସେହି॥ ରାଜପୁତ୍ର ସମାନରେ ପ୍ରଜାଙ୍କୁ ପାଳନ୍ତି । ଦେବଗୁରୁ ବ୍ରାହ୍ମଣରେ କରନ୍ତି ଭକତି ॥ ସେହି ପୁଣ୍ୟେ ରାଜାଙ୍କର ଏକଇ କୁମର । ହୋଇଲା ଯେ ରୂପ ଗୁଣେ ନାହିଁ ପଟାନ୍ତର ॥ ଯୌବନ ପଣରେ କାମି ତା ଅଟରେ ଛାର । ଦିନୁଦିନୁ ପାଠପଢ଼ି ହେଲା ଗୁଣଧର ସେ ପୁତ୍ରର ନାମ ରତ୍ନାକର ଯେ ଅଟଇ । ସକଳ ଗୁଣରେ ତାକୁ ସମାନଟି ସେହି ॥ ସେ ପୁତ୍ରର ଯଉବନ ସମସ୍ତ ହୁଅନ୍ତେ ମହିମା କରଇ ବୁଲି ସଙ୍ଗିମା ସଙ୍ଗତେ ॥ ଦିନେ ସଙ୍ଗୀମାନଙ୍କର ସଙ୍ଗେ ରତ୍ନାକର । ବହିଅଛି ସେହି ପଥେ ଅଗରେ ତାହାର ॥ ଏକ ମହାଜନଙ୍କ ପୁତ୍ର ବିଭା ହୋଇକରି । କନ୍ୟା ଘେନି ଯିବାରୁ ତା ଦେଖାଇ ନେତ୍ରରେ ॥ ଆପଣା ଗୃହକୁ ଯାଇ ସେ ରାଜନନ୍ଦନ । ଜନନୀ ନିକଟେ କହେ ବଚନ ଏସନ ॥ ଆଗୋ ମାତ ମୋ ସଙ୍ଗରେ ଯେତେ ସଙ୍ଗୀ ଛନ୍ତି । ସକଳେ ହୋଇଲେ ବିଭା ଖୋଜି ଯେମ୍ନା ଜାତି ॥ କାହିଁ ପାଇଁ ମୋତେ ବିଭା ନକର ଗୋ ମାତେ । ଏହା କହି ରତ୍ନାକର ହୁଅନ୍ତେ ଦୁଃଖିତ ॥ ପୁତ୍ରର ବଚନଶୁଣି ସୁଶୀଳା କହଇ । କରାଇବି ବିଭା ତୋତେ ନିର୍ମଳଟରେ ତୁହି ॥ ଏହା କହି ମହାଦେଈ ନୃପ ପାଶେ ଯାଇ । ବୋଇଲେ ହେ ରାଜା ଶୁଣ ଯାହା ମୁଁ କହଇ ॥ ହୋଇଲା ନନ୍ଦନ ଯୁବା କାହାକୁ ବିବାହ । ନ କର କିପାଇଁ ଏଥେ ମରମ କହ ॥ ରାଣୀ ବଚନରେ ରାଜା ଚମକି ପଡ଼ିଲା । ମୋ ମନେ ତା ନାହିଁ

ବୋଲବାଣୀକିକହିଲା ।। ଅତ୍ତକଣ୍ଟ ନବୋଲରୋଅଳପଦ୍ଧନରେ କରଇବ ବିପ୍ର କନ୍ୟା ଖୋଜାଇ ଝଟରେ ।। ରାଣୀ ତାହା ଶୁଣି ଅନ୍ତଃପୁରକୁ ଚଳିଲ । ରଜା ତହୁଁ ଏକବ୍ରାହ୍ମଣଙ୍କୁ ଡ଼କାଇଲ ।। ନିକଟେ ବସାଇ ତାଙ୍କୁ ବୋଲେ ହେ ଗୋସାଇଁ । କନ୍ୟାଏକ ଖୁଞ୍ଚ ଆନ୍ତୁ ଯୁବରାଜ ପାଇଁ । ରଜା ବଚନରେ ବିପ୍ର ହୋଇ ବୋଲି କହି । ରଜା ପଡରୁ ଷ ଘେନି ଗଲ ବେଗ ହୋଇ ।। ଅନେକସ୍ଥାନରେବୁଲି କର୍ଣ୍ଣାଟଦେଶରେ । ମିଳିଲେସେଧନବନ୍ତ ସାଧବନଗରେ ।। ବାଲବାତୀ ନାମେ ଥିଲ ସାଧବଝିଅ । ସର୍ବ ସୁଲକ୍ଷଣୀ ରୂପଗୁଣରେ ଅକୟ ।। ତାହାଜାଣି ବିପ୍ର ତାଙ୍କୁ ବୁଝାଇ କହିଲେ ।ଆମ୍ଭ ରଜାଙ୍କରପୁତ୍ର ଅଛନ୍ତି ବୋଇଲେ ।। ସେହି ରଜା ପୁତ୍ରଙ୍କୁ ତୁମ୍ଭେକନ୍ୟାଦାନକର । ବୁଝିଲେ କାହାକୁ ହେବନାହିଁ ଅସୁନ୍ଦର ।। ଶୁଣି ତା ସାଧବ ଯହୁଁ ସନମତ ହେଲ । ଗଣାପୋଛି କରି ବିପ୍ର ସେଠାରୁ ଚଳିଲ ।। ସୁଗତ ନୃପତି ପାଶେ ମିଳି ସେ ବ୍ରାହ୍ମଣ । ସବୁ କଥା ତାଙ୍କ ଆଗେ କରନ୍ତେବଖାଣ ।। ଶୁଣିତାହା ନରପତି ଆନନ୍ଦହୋଇଲା । ଗ୍ରହଣଲଗାଇ ... କେତେଢହନେ ଯାଇମିଳି କର୍ଣ୍ଣାଟଦେଶରେ । ପରବେଶ ହେବେ ସେ ସାଧବ ନଗରେ ।। ଦେଖି ତାହା ଧନବନ୍ତ ସାଧବ ତୋଷରେ । ଟେନ୍ତନିଙ୍କୁ ରଖାଇଲ ଉତ୍ତମ ବାସରେ ।। ଶୁଭ ଯୋଗ ଲଗ୍ନ ଦେଖି କଲ କନ୍ୟାଦାନ । ଯାହାଯଉତୁକ ଦେଲ ନୁହଇ ଗଣନ ।। ବହୁସାର ସବ ତହୁଁ ସେ ନାଶି ବସିଲେ । ପରଦନ ବରକନ୍ୟାଘେନି ଲେଉଟିଲେ ।। ସାଧବ ଅନେକ ଧନ ଦାଉ ଏକଟରେ । ... ଝିଅଯେଙ୍ଗ ଅତି ଆନନ୍ଦମନରେ ରଜା ପୁର ନିକଟରୁ କଣ୍ଟେ ... ଥାଇଁ ।। ହାନ୍ଦଲାର ସାଧବର ଝିଅ ଦେଖେ ଗୃହିଁ । ରବି ଅସ୍ତ ହୋଇବାକୁ ଅଳଗି ଅଛଇ । ଏହା ଦେଖି ସାଧବରଝିଅ ବିଚାରଇ । ମୋ ବାପ ସାଧବ ଦେଇଅଛି ଯେତେ

ସ୍ୱର । କଏତ ଦେଖିବ ଅବା ହୋଇଲେ ଅନ୍ଧାର ॥ ଏହାଶୁଣି ଅଦିତ୍ୟଙ୍କୁ ସାଧବ ଦୁହିତା । ବନ୍ଧୁ ବଳଯୂରେ ବୋଲେ ସେ ହେବ ସର୍ବଥା ॥ କୃପା ବହୁ କରି ବେଳ ସ୍ଥିରଗତ କର । ଯେଉଁପର ଅତ ଶୀଘ୍ର ନୋହିବ ଅନ୍ଧାର ॥ ଆମ୍ଭେମାନେ ସର୍ବେ ଯାଇଁ ରାଜ ଭବନରେ । ପରବେଶ ହୋଇବୁଟି ଯଥା ଦିବସରେ ତହୁଁ ପରେ ତୁମ୍ଭେ ଅସ୍ତାଚଳେ ଯିବ । ଏ ମୋର ବଳସ୍ୟୁ ଘେନ ଆହେ ସୂର୍ଯ୍ୟଦେବ ॥ ସାଧବଦୁହିତା ବଳସ୍ୟୁରେ ଦିନକର ବିଳମ୍ବ ଗତି କରନ୍ତେ ହୋଇଲା ଉତ୍ତର ।୪୦। ରାଜ ସଦନରେ ସର୍ବେ ପ୍ରବେଶ ହୋଇଲେ । ତହୁଁ ପରେ ଦିନପତି ଅସ୍ତାଚଳେ ଗଲେ ॥ ସେ ଦିନ ସୂର୍ଯ୍ୟଙ୍କ ମାତା ପୁତ୍ରକୁ ଅନାଇଁ । ବକଲେ ଭାଲନ୍ତି ପୁତ୍ର ନଇଲା କିପାଇଁ ।, କାହିଁକି ବିଳମ୍ବ ହେଲା ମନରେ ବିସ୍ମୟ । ବାଟେଠିଅ ହୋଇଛନ୍ତି ପଥଗୃହୁଁ କର ॥ ଏହିକାଳେ ରବି ଯାଇ ପ୍ରବେଶ ହୁଅନ୍ତେ । ତାଙ୍କୁ କୋଳେ ଧରି ମାତା ବୋଇଲେ ଏମନ୍ତେ ॥ ଆରେ ବାବୁ ଅଜ ତୋର କାହିଁକି [illegible] । ହେ[illegible] କେ ଅବା ପଥ ଛଗିଲା ତୋହର ॥ ଯେ [illegible] ବିଳମ୍ବ କଲା ଯେତି ତୋର । ମୋ ଅଭିଶାପରେ କୁଷ୍ଟ ହେଉ ଅଙ୍ଗେ ତାର ॥ ଗଳିତ କୁଷ୍ଟେ ତା ହାତ ଗୋଡ଼ ଛିଣ୍ଡିଯାଉ । ତୋ ପଥ ବିଳମ୍ବ କରିବାର ଫଳ ପାଉ ॥ ଏହାଶୁଣି ଆଦିତ୍ୟ ଯେ ବିରସ ହୋଇଲେ । କାକଲି କାକଲି ମାତା ବୋଲି ସେ ବୋଇଲେ ॥ କେହି ମୋର ପଥ ବନ୍ଦ କରି ନାହିଁ ଶୁଣ । ଯହୁଁ କି ବିଳମ୍ବ ହେଲା ବୁଝ ତା କାରଣ ॥ ସାଧବଙ୍କ ଝିଅ ଆଜ ଘେନି ବୋଲ ଭାର । ଗ୍ରହଣ ଲଗାଇ [illegible] ଥିଲା ସ୍ୱାମୀଘର ॥ ତାହା [illegible] ଦେଖୁ ମୋର ବିଳମ୍ବ [illegible] । ଏଥିରେ ବା [illegible] କଣ ଦୋଷକାରୀ ହେଲା ॥ [illegible] କାରଣେ ତାକୁ ଅଭିଶାପ ଦେଲ ମାତ । କହ ଏବେ କିପରି ସେ ହୋଇବ ମୁକତ ॥

ଆଦିତ୍ୟବଚନେ ତାଙ୍କୁ ଜନନୀ କହନ୍ତି । ପୁଷ ରବିବାର କଲେ ହେବ ସେ ମୁକତ ॥ ପୁଷମାସ ରବିବାର ଦିନ ପ୍ରାନ୍ତରୁ । ରବି ଉଦେହୋନ୍ତୁ ବେଗେ ଉଠିବ ଶେଯରୁ ॥ ସାବଧାନରେ ଯାଇ ସ୍ନାନକରି ଆସିବେଗେ । ତୁଳସୀମୂଳରେ ଲିପି ଗୋମୟ ସଙ୍ଗେ ତହିଁରେ ମଣ୍ଡଳ ଭାଙ୍ଗି ରବିଙ୍କୁ ସ୍ଥାପିବ । ନାନାବର୍ଣ୍ଣ ଫୁଲେ ସେ ସ୍ଥାନକୁ ମଣ୍ଡାଇବ । ବେଦ ମନ୍ତ୍ର ଜାଣିଥିବା ବ୍ରାହ୍ମଣେ ଡକାଇ । ସୂର୍ଯ୍ୟପୂଜା କରାଇବ ନାନା ଭୋଗ ଦେଇ ॥ ଶର୍କରା ମିଶ୍ରିତ ଲଡୁ ପକ୍ୱ ରମ୍ଭାଫଳ । ଅମ୍ବିଲ ଦଧି ଗୋଟିଏଆଦି ନାରିକେଳ ॥ ଏ ବିଧିରେ ନାନା ଉପଚାରେ ପୂଜାକଲେ । ଅବଶ୍ୟ ହୋଇବ ମଙ୍ଗଳଟି ଜାଣ ଭଲେ ॥ ଏହା କହି ମାତା ପୁତେ ରହିଲେ ସନ୍ତୋଷେ । ଶୁଣ ଜନେ ଏଥୁଅନ୍ତେ କେତେକ ଦିବସେ ॥ ସାଧବ ଝିଅର ଅଙ୍ଗେ କୁଷ୍ଠ ରୋଗ ହେଲା । ଦିନୁଦିନୁ ତାହାକୁ ଅଳଶ କରି ଦେଲା ॥ ରାଜା ରାଣୀ ତାହା ଦେଖି ଦୁଃଖିତ ହୋଇଲେ । ଗୁରୁବ୍ରାହ୍ମଣଙ୍କୁ ଡାକି ସବୁ ଜଣାଇଲେ ॥ ସେମାନେ ସକଳେ ଶୁଣି କହିଲେ ବିଚାରି । ଯେବେ ପୁଷ ରବିବାର ବ୍ରତ କରିପାରି ॥ ତେବେ ଜାଣ ତାହାର ଏ ରୋଗ ଯିବ ଛାଡ଼ି । ଆଉ ଯା ବାଞ୍ଛିବ ତାହା ଅବଶ୍ୟ ଫଳିବ ॥ ଏହା କହି ବ୍ରତର ବିଧି ବତାଇଲେ । ଶୁଣି ତାହା ରାଜା ରାଣୀ ବଧୂକୁ କହିଲେ ॥ ସାଧବରଝିଅ ଶୁଣି ଭକତି ଚିତ୍ତରେ । କଲା ପୁଷ ରବିବାରବ୍ରତକୁ ବିଧିରେ ॥ ତହୁଁ ଦିନୁଦିନ ତାର ବ୍ୟାଧି କେଉଁଣେଗଲା । ଧନ ପତି ସୁଖେ ସୁହାଗୀ ହୋଇଲା ॥ ଆହେ ଜନେ ପୁଷ ରବିବାର ଯେ କରଇ । ତାହାର ସକଳ ବାଞ୍ଛା ଅବଶ୍ୟ ଫଳଇ ॥ ସୂର୍ଯ୍ୟ-ଦେବ ପୂଜା ବ୍ରତ ଗୋଟି ଜନେ ଶୁଣ ... କଲେ ହୁଏ ବାଞ୍ଛିତ ପୂରଣ ॥୬୯॥ —ସମାପ୍ତ—

ଅସିକା. ମୋହିନୀ ପ୍ରେସ୍‌ରେ, ଶ୍ରୀ ... ମୋହିନୀଙ୍କ ଦ୍ୱାରା ମୁଦ୍ରିତ

ବିଜ୍ଞାପନ

ନିମ୍ନଲିଖିତ ବହି ଗୁଡିକ ଆମ୍ଭଠାରେ ବିକ୍ରୟ ନିମିତ୍ତ ଗଚ୍ଛିତ ଅଛି ବେପାରୀମାନଙ୍କୁ ଉଚିତ କମିଶନ ଦିଆଯାଏ ଏବଂ ଅଗ୍ରୀମ ଅର୍ଡର ପଠାଇଲେ ଭି: ପି: ଯୋଗେ ବହି ପଠାଯାଏ ଥରେ ପରୀକ୍ଷା ପ୍ରାର୍ଥନୀୟ ।

ଅମରକୋଷ ପାଞ୍ଚବର୍ଗ	ଟ	୦୴	ବାଲ୍ୟକାଣ୍ଡ ୧,୨ୟ ଖଣ୍ଡ	ଟ	୩-
ପ୍ରଭାତ ଅବକାଶ	ଟ	୦୷	ଜେମା ଦେଇ କାନ୍ଦ	ଟ	୦୶
ଭୂତକେଳି	ଟ	୦୳	ଟୀକା ଗୋବନ୍ଦଚନ୍ଦ୍ର	ଟ	୦୳
ବୈଦେହୀ ଚଉତିଶା	ଟ	୦୶	ସହଜ ତେଲଙ୍ଗୁ ଶିକ୍ଷା	ଟ	୦୵
ଅଷ୍ଟମେଟଯଜ୍ଞ	ଟ	୦।୶	ସହଜଇଁରାଜୀ ଶିକ୍ଷା	ଟ	୦।
ଅଙ୍ଗଦପଡ଼ି	ଟ	୦।୶	ଛନ୍ଦରତ୍ନାକର	ଟ	୧୳
ଲକ୍ଷ୍ମୀପୁରାଣ	ଟ	୦।୵	ରାସକ୍ରୀଡ଼ା	ଟ	୦।୵
ଶୁକ ବିଳାସ	ଟ	୧୳	ବତିଶ ସିଂହାସନ	ଟ	୧"
ସଙ୍ଗୀତ ଚମ୍ପକଫୁଲ	ଟ	୦।୵	ଘୁଡ଼ିକା ଚୌପଦୀ	ଟ	୦ ।
ଭ[illegible]	ଟ	୦୳୶	ଗୁଣ୍ଡକ୍ୟଗୀତ	ଟ	।୵
ଶ୍ରୀରାମଚନ୍ଦ୍ରିକା	ଟ	୦୷	ଅଳଙ୍କାର ବୋଲି	ଟ	୦୷
ଗୁଣ୍ଡିଧାଗର	ଟ	୦୳	ଗୃହଶାଳୀ ପାଠ	ଟ	୦୳
ଟୀକା ରାମାୟଣ	ଟ	୦୴	ମଥୁରା ମଙ୍ଗଳ	ଟ	୦୴
ବିଲଙ୍କା ରାମାୟଣ	ଟ	୧।	ବୈଶାଖ ମହାତ୍ମ୍ୟ	ଟ	[illegible]
ମାଘ ମହାତ୍ମ୍ୟ	ଟ	୧୳	କାର୍ତ୍ତିକ ମହାତ୍ମ୍ୟ	ଟ	୧।

ପୁସ୍ତକ ମିଳିବାର ଠିକଣା—

ମୋହିନୀ ପ୍ରେସ୍, ଆସିକା

ବାସଷ୍ଟାଣ୍ଡ, ଆସିକା (ଗଞ୍ଜାମ)